# NATIONAL NEWS BULLETIN (ODIA)

## 2 August - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଦେଶର କୃଷକମାନଙ୍କ କଲ୍ୟାଣ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ।
- ଚଳିତ ଆର୍ଥିକ ବର୍ଷର ଜୁଲାଇ ୩୧ ତାରିଖ ସୁଦ୍ଧା ରେକର୍ଡ ପରିମାଣ ୭ କୋଟି ୨୮ ଲକ୍ଷ ଆୟକର ରିଟର୍ଣ୍ଣ ଫାଇଲ୍ କରାଯାଇଛି ।
- ପ୍ୟାରିସ୍ ଅଲିମ୍ପିକ୍ସରେ ହକିର ପୁଲ୍-ବି ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩-୨ ଗୋଲ୍‌ରେ ପରାସ୍ତ କଲା ଭାରତ ।

ଏବଂ

- କଲମ୍ବୋର ଚାଲିଥିବା ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୨୩୧ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ରଖିଲା ଶ୍ରୀଲଙ୍କା ।

## ପ୍ରେଜ୍-ରାଜ୍ୟପାଳ

ଦେଶରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ରାଜ୍ୟ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଆଜି ରାଷ୍ଟ୍ରପତି ଭବନରେ ରାଜ୍ୟପାଳ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ରାଜ୍ୟର ସାମ୍ବିଧାନିକ ମୁଖ୍ୟ ହିସାବରେ ଏହି ସମନ୍ୱୟକୁ ପ୍ରୋତ୍ସାହିତ କରିବା ଲାଗି ଶ୍ରୀମତୀ ମୁର୍ମୁ ରାଜ୍ୟପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଗରିବ, ସୀମାବର୍ତ୍ତୀ ଅଞ୍ଚଳ, ବଞ୍ଚିତ ବର୍ଗଙ୍କ ସମେତ ବିକାଶ ଯାତ୍ରାରେ ପଛୁଆ ଥିବା ଲୋକଙ୍କ ବିକାଶକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ଅନୁସୂଚିତ ଜନଜାତି ଅଞ୍ଚଳରେ ଆଦିବାସୀ ଜନସଂଖ୍ୟାର ଏକ ବଡ଼ଭାଗ ବସବାସ କରୁଥିବା ଦୃଷ୍ଟିରୁ ସମ୍ପୃକ୍ତ ଅଞ୍ଚଳରେ ଜନସାଧାରଣଙ୍କ ସାମଗ୍ରିକ ବିକାଶ ଲାଗି ଉପାୟ ତଥା ପରାମର୍ଶ ଦେବାକୁ ସେ ରାଜ୍ୟପାଳମାନଙ୍କୁ ଅନୁରୋଧ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଅପରାଧିକ ନ୍ୟାୟ ସମ୍ପର୍କିତ ତିନୋଟି ନୂତନ ଆଇନ୍

କାର୍ଯ୍ୟକାରୀ ହେବା ପରେ ଦେଶରେ ନ୍ୟାୟ ବ୍ୟବସ୍ଥାର ଏକ ନୂତନ ଯୁଗ ଆରମ୍ଭ ହୋଇଛି । ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷୀ ଅଧିନିୟମ ଭଳି ଆଇନ୍‌ର ନାମରୁ ଆମ ଚିନ୍ତାଧାରାରେ ପରିବର୍ତ୍ତନ ସ୍ପଷ୍ଟ ହୋଇଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁର ଭୂମିକା ଗ୍ରହଣ କରିବା ଏବଂ ଗରିବ ଲୋକଙ୍କୁ ସହଯୋଗ କରିବା ସକାଶେ ବିବିଧ ପଦକ୍ଷେପ ନେବା ଲାଗି ରାଜ୍ୟପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟପାଳ ପଦ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଯାହା ସମ୍ବିଧାନର ଢାଞ୍ଚା ଅନୁଯାୟୀ – ଜନସାଧାରଣ, ବିଶେଷ କରି ଆଦିବାସୀମାନଙ୍କ କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଉନ୍ନୟନମୂଳକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ସହିତ ଭାଇବ୍ରେଣ୍ଟ ଗ୍ରାମ ଓ ଆକାଂକ୍ଷି ଜିଲ୍ଲା ଗସ୍ତ କରିବାକୁ ରାଜ୍ୟପାଳମାନଙ୍କୁ ଅନୁରୋଧ କରିଛନ୍ତି ।

# ଆର୍‌ଏସ୍-ଏଗ୍ରିକଲଚର୍

ଦେଶର କୃଷକମାନଙ୍କ କଲ୍ୟାଣ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ତି । କୃଷକଙ୍କର କଲ୍ୟାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ଚଳିତ ବଜେଟ୍‌ରେ ୧ଲକ୍ଷ ୩୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରିଛନ୍ତି । ଯାହାକି ୨୦୧୩-୧୪ ଆର୍ଥିକ ବର୍ଷ ଲାଗି ବଜେଟ୍‌ରେ ଏଥିଲାଗି ବ୍ୟୟବରାଦ ଅର୍ଥର ପରିମାଣ ଠାରୁ ୨୭ ହଜାର କୋଟି ଟଙ୍କା ଅଧିକ । ରାଜ୍ୟସଭାରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର କାର୍ଯ୍ୟଶୈଳୀ ଉପରେ ଚାଲିଥିବା ଆଲୋଚନାର ଉତ୍ତରରେ ସେ ଏହା କହିଛନ୍ତି । ଶ୍ରୀ ଚୌହାନ୍ କହିଛନ୍ତି, ସରକାର ଜଳସେଚନ ଉପରେ ଅଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରୁଥିବାରୁ ୨୦୨୩-୨୪ ବର୍ଷରେ ରେକର୍ଡ ପରିମାଣ ୩୨୯ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଟନ୍‌ର ଖାଦ୍ୟଶସ୍ୟ ଉତ୍ପାଦନ ହୋଇପାରିଛି । ଏହାଛଡ଼ା ଡାଲି ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ମଧ୍ୟ ସରକାର ବିବିଧ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଚୌହାନ୍ କହିଛନ୍ତି ।

କୃଷି ମନ୍ତ୍ରୀ କହିଛନ୍ତି, ୨୦୧୩-୧୪ ଆର୍ଥିକ ବର୍ଷରେ ୟୁ.ପି.ଏ. ସରକାରଙ୍କ ଅମଳରେ ମାତ୍ର ୭୧ ହଜାର କୋଟି ଟଙ୍କା ସାର ରିହାତି ଆକାରରେ ପ୍ରଦାନ କରାଯାଉଥିବା ବେଳେ ବର୍ତ୍ତମାନର ସରକାରଙ୍କ ସମୟରେ ଏହି ପରିମାଣ ୧ଲକ୍ଷ ୯୫ ହଜାର କୋଟି ଟଙ୍କା ଅତିକ୍ରମ

କରିଛି । ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଏବଂ ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଶ୍ରୀ ଚୌହାନ୍ କହିଛନ୍ତି ।

## ଆର୍ଏସ୍-ରୋଡ୍

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ୨୦୨୧ ଏପ୍ରିଲ୍ ମସିହା ଠାରୁ ଆଜି ପର୍ଯ୍ୟନ୍ତ ସରକାର ୧ଲକ୍ଷ ୩ହଜାରରୁ କିଲୋମିଟରରୁ ଊର୍ଦ୍ଧ୍ୱ ଦୈର୍ଘ୍ୟର ରାସ୍ତା ନିର୍ମାଣ କରିଛନ୍ତି । ସେଥିମଧ୍ୟରୁ କେବଳ ଉତ୍ତରପ୍ରଦେଶରେ ୧୬ ହଜାର କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ମଧ୍ୟପ୍ରଦେଶରେ ୯ହଜାର ୨୯୫ କିଲୋମିଟର ରାସ୍ତା ନିର୍ମାଣ ହୋଇଛି । ଏହି ଯୋଜନା ଅଧୀନରେ ସେହି ସମୟ ମଧ୍ୟରେ ମୋଟ୍ ୧୭ ହଜାର ୯୪୯ ରାସ୍ତା ଏବଂ ୩ହଜାର ୫୦୯ଟି ବ୍ରିଜ୍ ନିର୍ମାଣ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି ।

# ଆଇଟିଆର୍

୨୦୨୪-୨୫ ଆର୍ଥିକ ବର୍ଷର ଜୁଲାଇ ୩୧ ତାରିଖ ସୁଦ୍ଧା ରେକର୍ଡ ପରିମାଣ ୭ କୋଟି ୨୮ ଲକ୍ଷ ଟଙ୍କା ଆୟକର ରିଟର୍ଣ୍ଣ ଫାଇଲ୍ କରାଯାଇଛି ବୋଲି ଅର୍ଥମନ୍ତ୍ରଣାଳୟ କହିଛି । ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ଏକ ବିବୃତ୍ତିରେ ଦର୍ଶାଯାଇଛି – ୨୦୨୩-୨୪ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ଚଳିତ ବର୍ଷ ୭ ଦଶମିକ୍ ୫ ପ୍ରତିଶତ ଅଧିକ ରିଟର୍ଣ୍ଣ ଫାଇଲ୍ କରାଯାଇଛି । ଏହାଦ୍ୱାରା ନୂତନ ଟିକସ ଦାଖଲ ନିୟମକୁ ଟିକସଦାତାମାନେ ଅଧିକ ମାତ୍ରାରେ ଆପଣେଇ ଥିବା ଜଣାଯାଇଛି । କେବଳ ଜୁଲାଇ ୩୧ ତାରିଖ ଦିନ ୬୯ ଲକ୍ଷ ୯୨ ହଜାରରୁ ଅଧିକ ଟିକସଦାତା ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରିଛନ୍ତି ବୋଲି ଏହି ବିବୃତ୍ତିରେ କୁହାଯାଇଛି । ଏହାଛଡ଼ା ଏହି ସମୟସୀମା ମଧ୍ୟରେ ପ୍ରଥମଥର ପାଇଁ ୫୮ଲକ୍ଷ ୫୭ ହଜାର ନୂତନ କରଦାତା ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବା ଦ୍ୱାରା କରଦାତାମାନେ ନିର୍ଦ୍ଧାରିତ ଶେଷ ତାରିଖର ବହୁ ପୂର୍ବରୁ ନିଜର ରିଟର୍ଣ୍ଣ ଦାଖଲ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

# ଡେଙ୍ଗୁ-ଆୟୁଷ୍ମାନ୍-ଏଲ୍ଏସ୍

ଚଳିତ ବର୍ଷ ଅଗଷ୍ଟ ୨ ତାରିଖ ସୁଦ୍ଧା ଦେଶରେ ମୋଟ୍ ୩୨ ହଜାର ଡେଙ୍ଗୁ ରୋଗି ଚିହ୍ନଟ ହୋଇଛନ୍ତି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତବର୍ଷ ଏହି ସମୟ ସୁଦ୍ଧା ଦେଶରେ ୧୮ ହଜାର ୩୯୧ ଡେଙ୍ଗୁ ରୋଗି ଚିହ୍ନଟ ହୋଇଥିଲେ । ସରକାର ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ନିୟମିତ ଭାବେ ଏଥିରେ ସମ୍ପୃକ୍ତ ଅଂଶିଦାରଙ୍କ ସହିତ ସମୀକ୍ଷା କରୁଛନ୍ତି ବୋଲି ଶ୍ରୀ ଯାଦବ କହିଛନ୍ତି ।

ସେହିଭଳି ଆୟୁଷ୍ମାନ୍ – ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଚଳିତ ବର୍ଷ ଜୁନ୍ ୩୦ ତାରିଖ ସୁଦ୍ଧା ୩୪ କୋଟିରୁ ଊର୍ଦ୍ଧ୍ୱ ଆୟୁଷ୍ମାନ୍ କାର୍ଡ ସୃଷ୍ଟି କରାଯାଇଛି ବୋଲି ଶ୍ରୀ ଯାଦବ କହିଛନ୍ତି । ଆଜି ଲୋକସଭାରେ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଏହି ଯୋଜନା ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ବ୍ୟତୀତ ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାରେ ପରିବାର ପିଛା ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ହିତାଧିକାରୀମାନେ ୨୯ ହଜାରରୁ ଊର୍ଦ୍ଧ୍ୱ ପଞ୍ଜିକୃତ ହସ୍ପିଟାଲ୍‌ରେ ନଗଦବିହୀନ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ଶ୍ରୀ ଯାଦବ କହିଛନ୍ତି ।

## ଏଲ୍ଏସ୍-କୋଭିଡ୍ ଚିଲଡ୍ରେନ୍

ପି.ଏମ୍. କେୟାର୍ସ୍ ଯୋଜନା ଅଧୀନରେ ୪ହଜାର ୫୩୨ ଜଣ ଶିଶୁ ଉପକୃତ ହୋଇଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ଲୋକସଭାରେ ସୂଚନା ଦେଇଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, କୋଭିଡ୍ ନାଇଣ୍ଟିନ୍ ମହାମାରୀ ସମୟରେ ନିଜର ପିତାମାତାଙ୍କୁ ହରାଇଥିବା ଶିଶୁଙ୍କର ଯତ୍ନ ନେବା ସହିତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ମହାରାଷ୍ଟ୍ରରୁ ସର୍ବାଧିକ ୮୫୫ ଜଣ, ଉତ୍ତରପ୍ରଦେଶର ୪୬୭ ଏବଂ ମଧ୍ୟପ୍ରଦେଶର ୪୩୩ ଜଣ ଶିଶୁ ଏହି ଯୋଜନାରେ ଉପକୃତ ହୋଇଛନ୍ତି ବୋଲି ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ।

## ବିଜେପି-ୟୁଏନ୍ଜିଏ

ଭାରତ ୮୦ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଆଣିଥିବା ବେଳେ ୨୫ କୋଟି ଲୋକଙ୍କୁ ବହୁମୁଖୀ ଦାରିଦ୍ର୍ୟତାରୁ ମୁକୁଳାଇଥିବାରୁ ମିଳିତ ଜାତିସଂଘ ସାଧାରଣ ପରିଷଦ ଅଧ୍ୟକ୍ଷ ଡେନିସ୍ ଫ୍ରାନ୍ସିସ୍ ପ୍ରଶଂସା କରିଛନ୍ତି ବୋଲି ବିଜେପି କହିଛି । ଆଜି ନୂଆଦିଲ୍ଲୀ ଠାରେ ଦଳର ବରିଷ୍ଠ ନେତା ରାଜୀବ ଚନ୍ଦ୍ରଶେଖର ଗଣମାଧ୍ୟମକୁ ସମ୍ବୋଧନ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି,

ଡିଜିଟାଲାଇଜେସନ୍  ଏବଂ ମୋବାଇଲ୍ ଫୋନ୍ କିଭଳି ୮୦ କୋଟି ଲୋକଙ୍କର ଜୀବନ ଶୈଳୀରେ ଉଲ୍ଲେଖନୀୟ ଉନ୍ନତି ଆଣିପାରିଛି ସେ ସମ୍ପର୍କରେ ଶ୍ରୀ ଫ୍ରାନ୍‌ସିସ୍ ମୁଖ୍ୟତ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଡିଜିଟାଲ୍ ବିପ୍ଳବ, ଗରିବ ଲୋକଙ୍କୁ ସୁହାଇଲା ଭଳି ନୀତି ସମେତ ଗତ ଏକ ଦଶନ୍ଧି ଧରି ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ଚନ୍ଦ୍ରଶେଖର କହିଛନ୍ତି । ସେ କହିଛନ୍ତି, ଏହାଦ୍ୱାରା ଦେଶର ୯୦ କୋଟି ଲୋକଙ୍କ ନିକଟରେ ଇଣ୍ଟରନେଟ୍ ପହଞ୍ଚିବା ବେଳେ ୫୨ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ନିକଟରେ ବ୍ୟାଙ୍କିଙ୍ଗ୍ ସୁବିଧା ହୋଇପାରିଛି । ଦେଶର ଗରିବ, ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଅନେକ ପଦକ୍ଷେପ ନେଇଛନ୍ତି । ପ୍ରତ୍ୟେକ ଦେଶ ଗରିବ ଲୋକଙ୍କୁ ଅନୁରୂପ ଭାବେ ଉନ୍ନତ ଜୀବନଶୈଳୀ ଯୋଗାଇଦେବା ଉଦ୍ଦେଶ୍ୟରେ ଆବଶ୍ୟକ ନୀତି ପ୍ରଣୟନ କରିବା ଉପରେ ଶ୍ରୀ ଫ୍ରାନ୍‌ସିସ୍ ଗୁରୁତ୍ୱାରୋପ କରିଛନ୍ତି ବୋଲି ଶ୍ରୀ ଚନ୍ଦ୍ରଶେଖର କହିଛନ୍ତି ।

## ଅଲିମ୍ପିକ୍

ଏଥର କିଛି ସମ୍ବାଦ ଅଲିମ୍ପିକ୍ସ ପ୍ରତିଯୋଗିତାରୁ ।

ପ୍ୟାରିସ୍ ଅଲିମ୍ପିକ୍ସରେ ପୁଲ୍-ବି ମ୍ୟାଚ୍‌ରେ ଭାରତୀୟ ଦଳ ୩-୨ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଭାରତ ପକ୍ଷରୁ  ଅଧିନାୟକ

ହରମନପ୍ରୀତ ସିଂହ ୨ଟି ଏବଂ ଅଭିଷେକ ଗୋଟିଏ ଗୋଲ୍ ଦେଇଥିଲା । ଏଥିସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରି ଭାରତ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି । ୧୯୭୨ ମସିହା ପରେ ପ୍ରଥମଥର ପାଇଁ ଭାରତ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବା ଜଣାପଡ଼ିଛି ।

# କ୍ରିକେଟ୍

କଲମ୍ବୋର ପ୍ରେମଦାସା ଷ୍ଟାଡିୟମ୍‌ରେ ଚାଲିଥିବା ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ଭାରତ ସମ୍ମୁଖରେ ୨୩୧ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଶ୍ରୀଲଙ୍କା ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଓ୍ୱିକେଟ୍ ହରାଇ ୨୩୦ରନ୍ କରିଥିଲା । ଦଳ ପକ୍ଷରୁ ଦୁନିତ୍ ଓ୍ୱାଲାଲାଗେ ୬୫ଟି ବଲ୍‌ରୁ ସର୍ବାଧିକ ୬୭ରନ୍ କରି ଅପରାଜିତ ରହିଛନ୍ତି । ସେହିଭଳି ପାଥୁମ୍ ନିଶାଙ୍କା ୫୬ରନ୍ କରିଛନ୍ତି । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଓ ଅକ୍ଷର ପଟେଲ୍ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ଏହାଛଡ଼ା ମହମ୍ମଦ ସିରାଜ୍, ଶିବମ ଦୁବେ, କୁଲଦୀପ ଯାଦବ ଓ ଓ୍ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି ।

ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଭାରତ ବ୍ୟାଟିଂ ଆରମ୍ଭ କରି ୧୧ ଓଭର୍‌ରେ କୌଣସି ଓ୍ୱିକେଟ୍ ନ ହରାଇ ୭୪ରନ୍ କରିଛି । ଦୁଇ ଦେଶ

ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳା ଆଜିଠାରୁ ଆରମ୍ଭ ହୋଇଛି । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୪ ତାରିଖ ଓ ତୃତୀୟ ମ୍ୟାଚ୍ ୭ ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ମ୍ୟାଚ୍ କଲମ୍ବୋ ସ୍ଥିତ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ ।